**ବିଷ ପିଇ ଯୁବତୀ, ଯୁବକ ଗୁରୁତର**

ଛତ୍ରପୁର,(ଡି.ଏନ.ଏ.): ଚମାଖଣ୍ଡି ଥାନା ନରେନ୍ଦ୍ରପୁର ଓ ବଡକୁଶସ୍ଥଳୀ ରାଡାର ପାର୍ଶ୍ୱରେ ଜଣେ ଯୁବତୀ ଓ ଜଣେ ଯୁବକ ବିଷ ପିଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଥିଲା। ଚମାଖଣ୍ଡି ଥାନା ଅଧିକାରୀ ସିତାଂଶୁ ଶେଖର ମାନ୍ଧାତା ଓ ଜଗନ୍ନାଥପୁର ବିଟ ହାଉସର ଏଏସଆଇ ଅରୁଣ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ରାଡାର ପାର୍ଶ୍ୱରୁ ସ୍କୁଟି ଓ ମୋଟର ସାଇକେଲ ଉଦ୍ଧାର କରି ବିଟ ହାଉସରେ ରଖାଯାଇଛି।

## ସଂକ୍ଷେପରେ

### ଟଙ୍କା ନ ଦେବାରୁ ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୬।୮: ଯୁବକଙ୍କୁ ଆକ୍ରମଣ ସହ ନିକଟରେ ଚାଟ୍ ବିକ୍ରି କରୁଥିବା ଜଣେ ମହିଳାଙ୍କୁ ମଧ ଶନିବାର ଅସଦାଚରଣ କରାଯାଇଥିଲା। ଅଭିଯୋଗ ପରେ ଟାଉନ ଥାନା ପୋଲିସ ଯୁବକଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣଙ୍କ ଭାପୁର ବଜାରର ଅନିଲ ମହାଙ୍ଗୁଡ଼ (୨୫)। ମାମଲା ନମ୍ବର ୨୧୮/୨୨ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବାଲାଜୀପେଣ୍ଟର ରୋନିତ ପଣ୍ଡା ଗାନ୍ଧୀନଗରରେ ଥିବା ଏକ ଟାୟାର ଦୋକାନରେ କାମ କରନ୍ତି। ଶନିବାର ରାତିରେ ସେ କାମ ସାରି ଘରକୁ ଫେରିଥିଲେ। ଭାପୁର ବଜାର ଛକରେ ଅନିଲ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ରୋନିତ ଟଙ୍କା ଦେବାକୁ ମନା କରିବାରୁ ସେ ତାଙ୍କୁ ଏକ ପଥରରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ନିକଟରେ ଚାଟ ବିକ୍ରି କରୁଥିବା ଜଣେ ମହିଳାଙ୍କୁ ମଧ ଅନିଲ ଟଙ୍କା ମାଗିବା ସହ ତାଙ୍କୁ ଟଣାଓଟରା କରିଥିଲେ। ପରେ ଏନେଇ ରୋନିତ ଟାଉନ ଥାନାରେ ଅଭିଯୋଗ କରିଥିଲେ।

### ମହିଳାଙ୍କୁ ନିର୍ଯାତନା ଦେବା ନେଇ ଅଭିଯୋଗ

ବ୍ରହ୍ମପୁର ଅଫିସ,୧୬।୮: ନବବିବାହିତା ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୪୭/୨୨ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, ୩ ମାସ ତଳେ ଜଗବନ୍ଧୁ ସାହିର ସନ୍ତୋଷ ନାୟକ ଜଣୈକା ଯୁବତୀ କାମିନୀ ସେଠୀଙ୍କୁ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ ସନ୍ତୋଷ ତାଙ୍କ ସ୍ତ୍ରୀ କାମିନୀଙ୍କୁ ଧରି ଚେନ୍ନାଇ ଚାଲି ଯାଇଥିଲେ। ସେଠାରେ କାମିନୀ ଗର୍ଭବତୀ ଥିବା ଜଣାପଡିଥିଲା। ପରେ ସନ୍ତୋଷ କାମିନୀଙ୍କୁ ସେଠାରେ ଔଷଧ ଦେଇ ତାଙ୍କ ଗର୍ଭନଷ୍ଟ କରି ବ୍ରହ୍ମପୁର ଫେରି ଆସିଥିଲେ। ବିଭିନ୍ନ କାରଣକୁ ନେଇ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକ ତାଙ୍କୁ ଅତ୍ୟଧିକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଘରୁ ତଡ଼ି ଦେଇଥିଲେ। ନିର୍ଯାତନାର ଶିକାର ହୋଇଥିବା କାମିନୀ ମହିଳା ଥାନାରେ ଅଭିଯୋଗ କରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୧୬।୮: ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କର ଏମ୍‌କେସିଜିରେ ମୃତ୍ୟୁ ଘଟିଛି। ମୃତକ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ନିଜେପୁର ଗ୍ରାମର ମୁନା ମଲିକ(୨୫)। ମୃତ ମୁନାଙ୍କ ଶ୍ୱଶୁର ପ୍ରଶାନ୍ତ ନାୟକ ମେଡିକାଲରେ ମୃତଦେହ ଚିହ୍ନଟ କରିବା ସହ ଥାନାରେ ଏତଲା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ନଂ.୪୯/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଭାବିନୀପୁର-ଲୋଚାପଡ଼ା ରାସ୍ତାରେ ଥିବା ଏକ ମଦ ଭାଟିରେ ମୁନା ସହିତ ତାଙ୍କ ଗ୍ରାମର କେତେକ ଯୁବକ କାମ କରୁଥିଲେ। ମଙ୍ଗଳବାର ସକାଳ ପ୍ରାୟ ୬ ଟାରେ ମୁନା ଉକ୍ତ ମଦଭାଟି ପରିସରରେ ଥିବା ଏକ କୋଠରିରେ ତଳେ ପଡ଼ି ଛଟପଟ ହେଉଥିଲେ। ଏକ ଷ୍ଟାଣ୍ଡ ଫ୍ୟାନ ତାଙ୍କ ଉପରେ ପଡିଯାଇଥିବା ବେଳେ ତାଙ୍କ ସାଙ୍ଗମାନେ ବିଦ୍ୟୁତ୍ ସଂଯୋଗ ବନ୍ଦ କରି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ବିଦ୍ୟୁତ୍ ଶର୍ଟ ଶର୍କିଟରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

# 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ଅତୁଳନୀୟ'

## ୭୬ତମ ସ୍ୱାଧୀନତା ଦିବସ ପାଳିତ

ବ୍ରହ୍ମପୁର ଅଫିସ,୧୬।୮

ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ସୋମବାର ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଟି. ଆଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ହାସଲ କ୍ଷେତ୍ରରେ ଦେଶପ୍ରେମୀଙ୍କୁ ମୁଖ୍ୟ ଅତିଥି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମ ପାଇଁ ମହାପୁରୁଷଙ୍କ ମଧ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀ, ଜବାହର ଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଲାଲା ଲାଜପତ ରାୟ, ବାଳଗଙ୍ଗାଧର ତିଳକଙ୍କ ମଧ୍ୟରୁ ମହାତ୍ମା ଗାନ୍ଧୀଙ୍କ ଭୂମିକା ଥିଲା ଅତୁଳନୀୟ। ତାଙ୍କର ଚିନ୍ତା ଦ୍ୱାରା ଅହିଂସା ବଳରେ ସ୍ୱାଧୀନତା ହାସଲ କରିବା ଲକ୍ଷ୍ୟ ଥିଲା ବୋଲି କହିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଓଡ଼ିଶାର ଭୂମିକା ମଧ କିଛି କମ ନ ଥିଲା ବୋଲି ଆରଡିସି କହିଥିଲେ। ମହାତ୍ମା ଗାନ୍ଧୀ ଓଡ଼ିଶାକୁ ୮ ଥର ଗସ୍ତରେ ଆସି ବିଭିନ୍ନ ସ୍ଥାନରେ ସଭା ସମିତି କରି ବ୍ରିଟିଶ ସରକାରଙ୍କ ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ଗସ୍ତରେ ଆସି ମହାତ୍ମା ଗାନ୍ଧୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସହ ବ୍ରହ୍ମପୁର ସହରରେ ଏକ ବିଶାଳ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ସମ୍ମାନିତ ଅତିଥି ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ଶର୍ବଣା ବିବେକ ଏମ୍, ବିଏମସି କମିଶନର ଜେ. ସୋନାଲ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ୱାସନ ଯୋଗ ଦେଇଥିଲେ। ଏହି ଅବସରରେ ୮ ଜଣ ସଫେଇ କର୍ମଚାରୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱାଧୀନତା ଦିବସ ଉପଲକ୍ଷେ ଅନ୍‌ଲାଇନ୍‌ରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାରେ ୧୨ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆର୍‌ଆଇ ଅଫ୍ ପୋଲିସ ଦିଲୀପ କୁମାର ବେହେରା ପରେଡ଼ ପରିଚାଳନା କରିଥିଲେ। ଏହିଉତ୍ସବକୁବିଭାଗୀୟବରିଷ୍ଠକର୍ମଚାରୀଲୋକନାଥଶତପଥୀସହଯୋଗକରିଥିଲେ।



ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ଏନ୍‌ଏସ୍‌ଏସ୍ ପକ୍ଷରୁ ଅମୃତ ମହୋତ୍ସବ ସମାରୋହ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୬।୮

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ସୋମବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ରଣଜିତ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା, ୱାର୍ଡେନ ପ୍ରଫେସର ସୁଶାନ୍ତ କୁମାର ବରାଳ ସହଯୋଗ କରିଥିଲେ। କୁଳପତି ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିଥିଲେ। କ୍ରୀଡ଼ା ପରିଷଦ ସଚିବ ପ୍ରଫେସର ଗଣେଶ ସେଠୀଙ୍କ ସହଯୋଗରେ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଶିକ୍ଷଣ ଓ ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଏନ୍‌ଏସ୍‌ଏସ୍ ପକ୍ଷରୁ ୭ ଦିନ ଧରି ଚାଲିଥିବା ଆଜାଦୀ କା ଅମୃତ ମହୋତ୍ସବ ସମାରୋହର ଉଦ୍‌ଯାପନ ଉତ୍ସବ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଇନଜୀବୀଙ୍କୁ ଆକ୍ରମଣ କରି ଯୁବକ ଗିରଫ

ବ୍ରହ୍ମପୁର ଅଫସ,୧୬।୮

ଜଣେ ଆଇନଜୀବୀଙ୍କୁ ଆକ୍ରମଣ ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗୋଷାଣୀନୂଆଗାଁ ଅଞ୍ଚଳର ହିମାଂଶୁ ସାହୁ ଓରଫ ମୁନା। ମାମଲା ନମ୍ବର ୨୮୨/୨୨ ରେ ପୋଲିସ ହିମାଂଶୁଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ ୧୪ ତାରିଖ ରାତି ୧୧ଟାରେ କେତେକ ଯୁବକ ରାମନଗର ପ୍ରଥମ ଲାଇନ୍‌ରେ ଗାଳିଗୁଲଜ କରୁଥିବା ବେଳେ ଆଇନଜୀବୀ ତାପସ ସାହୁ ସେମାନଙ୍କୁ ସାହିରେ ଏଭଳି ପାଟିତୁଣ୍ଡ ନ କରିବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ହିମାଂଶୁ ଆଇନଜୀବୀଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡିଯାଇଥିଲେ। ହିମାଂଶୁ ଏକ ପଥର ଆଇନଜୀବୀଙ୍କ ମୁଣ୍ଡ ଉପରକୁ ଫୋପାଡ଼ି ଥିଲେ। ପଥରଟି ତାଙ୍କ ମୁଣ୍ଡରେ ବାଜି ନ ଥିଲା। ସାହି ଲୋକ ସେଠାରେ ରୁଣ୍ଡ ହୋଇଯିବା ଦେଖି ହିମାଂଶୁ ସେଠାରୁ ଖସି ପଳାଇଥିଲେ। ପରେ ଆଇନଜୀବୀ ଏନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ହିମାଂଶୁଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଆୟୁଷମାନ୍ ପଣ୍ଡା**

ଗ୍ରାମ/ପୋ- କୋଦଳା, ଗଞ୍ଜାମ

ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରାନ୍ତୁ।

ଶୁଭେଚ୍ଛା ସହ: ବବୁଲ୍ ଭାଇ ଓ ସ୍ମୃତି ଦିଦି।

ଧ-୧୨୭୬


# ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିରର ସଫଳତା



କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ,୧୬।୮

**ଯୁକ୍ତ ୩ ବିଜ୍ଞାନ ଶେଷ ବର୍ଷ ପରୀକ୍ଷା**

**■ ମାନସୀ ପରିଚ୍ଛା ବିଶ୍ୱବିଦ୍ୟାଳୟ ଟପ୍ପର**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ପ୍ରକାଶିତ ଯୁକ୍ତ ୩ ବିଜ୍ଞାନ ଶେଷବର୍ଷ ପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ପଦାର୍ଥ ବିଜ୍ଞାନରେ ୧୩୬୫ ମାର୍କ ରଖି ମାନସୀ ପରିଚ୍ଛା ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ସ୍ଥାନ ଅଧିକାର କରିଛନ୍ତି। ଏହି ବର୍ଷ ସମସ୍ତ ସ୍ନାତକ ସମ୍ମାନ ବିଷୟରେ ବିଦ୍ୟାର୍ଥୀମାନେ ପ୍ରଥମ ର୍‍ୟାଙ୍କ୍ ଅଧିକାର କରିଛନ୍ତି। ସାତଟି ସ୍ନାତକ ସମ୍ମାନ ମଧ୍ୟରୁ ୧୦ ନମ୍ବର ର୍‍ୟାଙ୍କ୍ ମଧ୍ୟରେ ୫୬ ଜଣ ବିଦ୍ୟାର୍ଥୀ ରହିଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗରୁ ସଂଘାତି ସାମନ୍ତରାୟ ୧ମ ର୍‍ୟାଙ୍କ୍, ଅମିଶା କିରନ ନାୟକ ୨ୟ, ଶ୍ରଦ୍ଧା ମହେଶୀ ପାଢ଼ୀ ୩ୟ, ସୁରଭି କୁସୁମ ପାତ୍ର ୪ର୍ଥ, ଗୌତମ ମହାରଣା ୫ମ, ଅରୁନ୍ଧତୀ ଧୁରୁଆ ୬ଷ୍ଠ, ରୋଶନୀ ମିଶ୍ର ୭ମ, ଶାଳିନୀ ପାଣିଗ୍ରାହୀ ୭ମ, ତିରୁପତି ସାହୁ ୮ମ, ଜ୍ୟୋତି ଚୌଧୁରୀ ୯ମ, ବିଜୟ କୁମାର ପୂଜାରୀ ୯ମ ର୍‍ୟାଙ୍କ୍ ହାସଲ କରିଛନ୍ତି।

ସେହିପରି କମ୍ପ୍ୟୁଟର ବିଜ୍ଞାନ ବିଭାଗରୁ ଶ୍ରଦ୍ଧାଞ୍ଜଳି ମହାନ୍ତି ୧ମ ର୍‍ୟାଙ୍କ୍, ଆଲିଶା ଦାଶ ୨ୟ, ସ୍ମୃତିରୂପା ସାହୁ ୩ୟ, ୟେରା ହରିସା ୪ର୍ଥ, ଓମ୍ ପ୍ରସାଦ ସାହୁ ୫ମ, ନିଲମ୍ ପାଢ଼ୀ ୬ଷ୍ଠ, ଅଭିଷେକ ସାହୁ ୬ଷ୍ଠ, ସତ୍ୟନାରାୟଣ ଶତପଥୀ ୭ମ, ଅଭିନବ ଦ୍ୟାନ୍‌ସାମନ୍ତରା ୯ମ, ଆକାଂକ୍ଷା ପଟ୍ଟନାୟକ ୧୦ମ ର୍‍ୟାଙ୍କ୍ ରଖିଛନ୍ତି। ପଦାର୍ଥ ବିଜ୍ଞାନ ବିଭାଗରୁ ମାନସୀ ପରିଚ୍ଛା ୧ମ ର୍‍ୟାଙ୍କ୍, ମୋନାଲିସା ସାହୁ ୨ୟ, ଅଙ୍କିତା ଶାହା ୩ୟ, ଜି. ନତାଶା ୪ର୍ଥ, ଜି. ଆଦର୍ଶ କିରନ ୫ମ, ରିତାରାଣୀ ପ୍ରଧାନ ୭ମ, ପ୍ରତିତୀ ପଣ୍ଡା ୮ମ, ଦିବ୍ୟରଞ୍ଜନ ପଣ୍ଡା ୯ମ, ଟି. ସ୍ୱୀକୃତି ପାତ୍ର ୧୦ମ ର୍‍ୟାଙ୍କ୍ ହାସଲ କରିଛନ୍ତି।

ଉଦ୍ଭିଦ ବିଜ୍ଞାନ ବିଭାଗରୁ ସଞ୍ଜନା ସାବତ ୧ମ ର୍‍ୟାଙ୍କ୍, ରାଜେଶ୍ୱରୀ ପ୍ରିୟଦର୍ଶିନୀ ୩ୟ, ବିଷ୍ଣୁପ୍ରିୟା ନାୟକ ୪ର୍ଥ, ପ୍ରିୟଙ୍କା ଆଚାର୍ଯ୍ୟ ୫ମ, ରୋଲେକ୍ସ ପରିଡ଼ା ୭ମ, ପ୍ରଜ୍ଞା ପାରମିତା ପାତ୍ର ୮ମ ଓ ଅଞ୍ଜଳି ସାବତ ୯ମ ର୍‍ୟାଙ୍କ୍ ପାଇଛନ୍ତି। ଭୂତତ୍ତ୍ୱ ବିଜ୍ଞାନ ବିଭାଗରୁ ମାନସ ମହାପାତ୍ର ୧ମ ର୍‍ୟାଙ୍କ୍, ଅଭିଜିତ୍ ଚୌଧୁରୀ ୪ର୍ଥ, ସାଇ ସୁମନ ଦାଶ ୫ମ, ଆଶୁତୋଷ ମିଶ୍ର ୬ଷ୍ଠ, ଆଶୁତୋଷ ପାଣିଗ୍ରାହୀ ୭ମ, ଆଦ୍ୟାଶା ପ୍ରିୟଦର୍ଶିନୀ ରାଉତ ୮ମ, ସ୍ନିଗ୍ଧା ପ୍ରିୟଦର୍ଶିନୀ ୧୦ମ ରଖିଛନ୍ତି। ରସାୟନ ବିଜ୍ଞାନ ବିଭାଗରୁ ଦେବାଶିଷ ସାହୁ ୧ମ ର୍‍ୟାଙ୍କ୍, ସ୍ମିତିପ୍ରଜ୍ଞା ପାତ୍ର ୨ୟ, ଦେବାଶିଷ ପାଢ଼ୀ ୩ୟ, ରିତିସା ପାତ୍ର ୭ମ, ରୂପସ୍ମିକା ମହାସୁଆର ୧୦ମ, ସୁଚିତ୍ରା ସ୍ୱାଇଁ ୧୦ମ ର୍‍ୟାଙ୍କ୍ ରଖିଛନ୍ତି।

ଗଣିତ ବିଭାଗରୁ ବିଷ୍ଣୁପ୍ରିୟା ଶତପଥୀ ୧ମ ର୍‍ୟାଙ୍କ୍, ପ୍ରିୟଙ୍କା ଦାଶ ୨ୟ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପରିଡ଼ା ୩ୟ, ଆର୍. ମନସ୍ୱିନୀ ୪ର୍ଥ, ରାମାଦିତ୍ୟ ପଣ୍ଡା ୫ମ, ଜିତେନ୍ଦ୍ର କୁମାର ନାୟକ ୭ମ ର୍‍ୟାଙ୍କ୍ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା ସମିତିର ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ସମ୍ପାଦକ ନାରାୟଣ ପଣ୍ଡା ଓ ସମସ୍ତ ସଦସ୍ୟ ତଥା ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ଓ ଶିଶୁମନ୍ଦିରର ପ୍ରାଧାନାଚାର୍ଯ୍ୟ ଏବଂ ଯୁକ୍ତ ୩ ବିଜ୍ଞାନ ବିଭାଗ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ

ବ୍ରହ୍ମପୁର ଅଫିସ,୧୬।୮

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଅବନୀ ରଞ୍ଜନ ଦାସ ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୁହିକ ସଙ୍କଳନ କରାଯାଇଥିଲା। ଆଜିର ଶିଶୁ ଆସନ୍ତା ଦିନର ଭବିଷ୍ୟତ ଏହି ଭାବନା ରଖି ଶିଶୁଙ୍କର ଅଧ୍ୟୟନ ତଥା ଶାରିରୀକ ବିକାଶରେ ଧ୍ୟାନ ଦେବାକୁ କହିଥିଲେ। ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା, ଉପସଭାପତି ହରିକୃଷ୍ଣ ନାୟକ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଭ୍ୟ ନୀଳକଣ୍ଠ ସାହୁ, ଯୁକ୍ତ ୩ ବିଭାଗର ଡିନ୍ ଡ. ବିବେକାନନ୍ଦ ପଣ୍ଡା, ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ସାହୁ ଓ ଅଧ୍ୟକ୍ଷ ଡ. ବି. ରୋଜେନ୍ଦ୍ର ମୂର୍ତ୍ତି ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିର ଅଧ୍ୟକ୍ଷ ଏସ୍. ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।





GAYATRI GROUP OF INSTITUTIONS
BRAHMAPUR, BHUBANESWAR, BHAWANIPATNA, KEONJHAR, BOLANGIR
ADMISSION OPEN FOR (BRAHMAPUR BRANCH)
MBA (Finance, HR, Marketing)
BCA & BBA | Bsc. Bio-Tech
Msc. Computer Sc. & Msc. Bio-Tech.
B.Tech. in Civil, Mech., IT, CSE, ETC, EEE (Regular & LE)
(Affiliated to BPUT, Approved by AICTE)
Contact Brahmapur Branch at : Near Income Tax Office, Ambapua
Mob : 9938044536, 7008177328, 9437962526


# ମଣ୍ଡଳ କାରାଗାରରୁ ମୁକୁଳିଲେ ୬ କଏଦୀ



ଜେଲରୁ ୧୫ ତାରିଖରେ ମୁକୁଳିଥିବା ୫ କଏଦୀ।

ବ୍ରହ୍ମପୁର ଅଫିସ,୧୬।୮

ରାଜ୍ୟ ଆଇନ ବିଭାଗ ଚିଠି ନମ୍ବର ୮୯୫୧ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ମଣ୍ଡଳକାରାଗାରରେ ସଜା କାଟୁଥିବା ୬ ଜଣ କଏଦୀଙ୍କୁ ମୁକ୍ତ କରାଯାଇଛି। ସ୍ୱାଧୀନତା ଦିବସ ଅବସରରେ ସେମାନଙ୍କୁ ବ୍ରହ୍ମପୁର ଜେଲରୁ ଛଡ଼ାଯାଇଛି। ସେମାନେ ହେଲେ ବିଜୟ ପାତ୍ର, ରାମଚନ୍ଦ୍ର ନାହାକ, ସାରଥୀ ଭୂୟାଁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ନିତ୍ୟାନନ୍ଦ ସାହୁ ଓ ସୁଶାନ୍ତ ପାଢ଼ୀ ଓରଫ କୁନା ବୋଲି ଜେଲର ସତ୍ୟ ନାରାୟଣ ବେହେରା ସୂଚନା ଦେଇଛନ୍ତି। ପୂର୍ବରୁ ୧୪ ତାରିଖରେ ବିଜୟ ପାତ୍ର ଜେଲରୁ ମୁକୁଳିଥିବା ବେଳେ ୧୫ ତାରିଖରେ ଅନ୍ୟ ୫ ଜଣ ଜେଲରୁ ମୁକ୍ତ ହୋଇଥିଲେ ବୋଲି ଜେଲର ସୂଚନା ଦେଇଛନ୍ତି। କେନ୍ଦ୍ର ଗୃହ ବିଭାଗ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ରାଜ୍ୟର ବିଭିନ୍ନ ଜେଲରେ ସଜା କାଟୁଥିବା କଏଦୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଛାଡ଼ିବା ପାଇଁ ନିଷ୍ପତ୍ତି ହୋଇଥିଲା। ଯେଉଁ କଏଦୀମାନେ ଜେଲର ସମସ୍ତ ନିୟମ ପାଳନ କରିଛନ୍ତି, ସେମାନଙ୍କ ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିଛି ଓ ସେମାନେ ଦୀର୍ଘଦିନ ଧରି ସଜା କାଟୁଛନ୍ତି, ସେଭଳି କଏଦୀଙ୍କୁ ଜେଲ୍ କର୍ତ୍ତୃପକ୍ଷ ଚିହ୍ନଟ କରି ତାଙ୍କର ନାମ ଜେଲ୍ ଡିଜିଙ୍କ ନିକଟରେ ଦାଖଲ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ କମିଟି ଏହାକୁ ବିଚାର କରି ରାଜ୍ୟର ବିଭିନ୍ନ ଜେଲରେ ଥିବା ୧୯ଜଣ କଏଦୀଙ୍କୁ ଅଗଷ୍ଟ ୧୫ ତାରିଖରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଛାଡ଼ିବାକୁ ନିଷ୍ପତ୍ତି ନିଆଯାଇଥିଲା। ତନ୍ମଧ୍ୟରୁ ମଣ୍ଡଳ କାରାଗାରରେ ଥିବା ୬ କଏଦୀଙ୍କୁ ଛଡ଼ାଯିବ ବୋଲି ଜେଲ କର୍ତ୍ତୃପକ୍ଷ ପୂର୍ବରୁ ସୂଚନା ଦେଇଥିଲେ।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏଲକ୍ଷ୍ମୀପ୍ରିୟା ସୁତାର**

ସ୍ୱାମୀ: ଏନାରାୟଣ ସୁତାର

ଜଗଦଳପୁର, ପାଟକୁରା

ଆବିର୍ଭାବ: ୧୪।୧୨।୧୯୪୮
ତିରୋଧାନ: ୦୬।୦୮।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୨୭୫

**୪ର୍ଥ ଶ୍ରାଦ୍ଧବାର୍ଷିକୀ**



**ଏସୁବଳ ଚରଣ ବେହେରା**

ନୟାଚୌକ, ମଧୁପାଟଣା, କଟକ

ଆବିର୍ଭାବ: ୨୭।୦୫।୧୯୩୫
ତିରୋଧାନ: ୦୧।୦୯।୨୦୧୮

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ତୁମେ ସଦାସର୍ବଦା ଆମ୍ଭମାନଙ୍କ ସ୍ମୃତିରେ ରହିଥିବ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ।

ଧ-୧୨୭୧

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡଃ. ବୃନ୍ଦାବନ ସେନାପତି**

ତିଗିରିଆ, କଟକ

ଆବିର୍ଭାବ: ୧୬।୧୧।୧୯୫୪
ତିରୋଧାନ: ୦୮।୦୮।୨୦୨୨

ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ଆଜି ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ପ୍ରସନ୍ନମଣୀଙ୍କ ନିକଟରେ ପ୍ରାର୍ଥନା।

ଆତ୍ମୀୟସ୍ୱଜନ, ପରିବାରବର୍ଗ ସହିତ
ନାତି: ପୀୟୁଷ, ଝିଅ, ଜ୍ୱାଇଁ।

ଧ-୧୨୭୪

**ଦ୍ୱାଦଶାହ ଉପଲକ୍ଷେ**



**ଏସୁମିତ୍ରା ବିଶୋଇ**

ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର

ଆବିର୍ଭାବ: ତା. ୦୮।୦୯।୧୯୪୨
ତିରୋଧାନ: ତା. ୦୬।୦୮।୨୦୨୨

ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ସନତ, ପୁତ୍ରବଧୂ: କୁନି, ଶାନ୍ତି, ସ୍ନେହ, ନାତି: ସୋନୁ, ଚିନୁ, ନାତୁଣୀ: ରୋମି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିଙ୍କୁନ୍, ନାତୁଣୀବୋହୂ: ସୁକନ୍ୟା ଓ ପରିବାରବର୍ଗ।

ଧ-୪୮୭୩୦

## ବଂଶଧାରାରେ ଭାସିଯାଇ ବୃଦ୍ଧ ନିଖୋଜ

କାଶୀନଗର,: ବଂଶଧାରା ନଦୀକୁ ବୁଦୁରା ଗ୍ରାମର ହାଇ ସଂଘମେଷ୍ଟୁ (୭୦) ଶୌଚ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯାଇ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀଙ୍କ ଚେଷ୍ଟା ସତ୍ତ୍ୱେ ଏପର୍ଯ୍ୟନ୍ତ ତାଙ୍କର ପତା ମିଳିପାରିନାହିଁ। ଏନେଇ ଥାନା କେଶ ନଂ ୭/୨୨ରେ ରେକର୍ଡ କରାଯାଇଛି।

## ସଂକ୍ଷେପରେ

### ଚଳନ୍ତା ବସରେ ଯାତ୍ରୀଙ୍କ ମୃତ୍ୟୁ

ଆସିକା,୧୬।୮(ଡି.ଏନ.ଏ.)
ଫୁଲବାଣୀରୁ ବ୍ରହ୍ମପୁର ଯାଉଥିବା ଏକ ବସ୍‌ରେ ସୋମବାର ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଏମ. ତିରୁପତୀ (୩୦)। ସେ ପେଶାରେ ଜଣେ ଜ୍ୟୋତିଷ। ଘର ବ୍ରହ୍ମପୁର ବୈଦନ୍ୟନାଥପୁର ଥାନା ଅଞ୍ଚଳରେ। ତିରୁପତୀ ଫୁଲବାଣୀରୁ ବ୍ରହ୍ମପୁର ଫେରୁଥିବା ବେଳେ ଗାଙ୍ଗପୁର ଥାନା କଣ୍ଟେଇପଲ୍ଲୀ ନିକଟରେ ବସରେ ହଠାତ ଅଚେତ ହୋଇଯାଇଥିଲେ । ତାଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ମୃତ ଦେହକୁ ଜବତ କରି ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ଏ ଗାଙ୍ଗପୁର ଥାନାରେ ନଂ.୧୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ

ବୁଗୁଡ଼ା,୧୬।୮(ଡି.ଏନ.ଏ.):ବୁଗୁଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ସ୍ୱପରିସରରେ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ସଭାପତି ଯୁ. ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ସାହୁ, ମୁଖ୍ୟ ବକ୍ତା ଭାବେ ମାତୃପ୍ରେମୀ ସୁଦର୍ଶନ ପାତ୍ର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାକେନ୍ଦ୍ରର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଜନ୍ମ ଓ ମହାପ୍ରୟାଣ ସହିତ ସ୍ୱାଧୀନତା ସଂଗ୍ରାମୀ ଜୀବନୀ ସମ୍ପର୍କେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ହରିହର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଦିପ୍ତିମୟୀ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବାଲ୍ମିକୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ତ୍ରିରଙ୍ଗାକୁ ଅସମ୍ମାନ ଅଭିଯୋଗ

ଚକାପାଦ/କାଶୀନଗର/ ପୁରୁଷୋତ୍ତମପୁର, ୧୬।୮(ଡି.ଏନ୍.ଏ)- କନ୍ଧମାଳ ଜିଲା ଚକାପାଦରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ଦୟାନିଧି ମହାଲିକ ତ୍ରିରଙ୍ଗା ପତାକାକୁ ଅସମ୍ମାନ କରିଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ଛୁଟି ଥିବା ଯୋଗୁ ରବିବାର ଜାତୀୟ ପତାକା ଉତ୍ତୋଳନ କରି ନିଜ ଗ୍ରାମକୁ ଚାଲିଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଜାତୀୟ ପତାକା ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ବ୍ୟାଙ୍କ ଶାଖା ପରିଚାଳକ ମହାଲିକ କହିଛନ୍ତି, ପତାକା ୧୫ ତାରିଖରେ ଉତ୍ତୋଳନ କରାଯାଇଛି। ସେ ଗାଁରେ ଅଛନ୍ତି, କର୍ମଚାରୀ ନିରାକାର ନାୟକଙ୍କୁ ପତାକା ଉତ୍ତୋଳନ କରିବାକୁ କହିଆସିଥିଲେ। କିନ୍ତୁ ଜାତୀୟ ପତାକାକୁ ଅସମ୍ମାନ କରାଯାଇନାହିଁ। ସେହିପରି ଗଜପତି ଜିଲା କାଶୀନଗର ସହର ସ୍ଥିତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଉଠା ଜଳ ସେଚନ ଉପଖଣ୍ଡ ବିଭାଗରେ ପତାକା ଉତ୍ତୋଳନ କରାଯାଇନାହିଁ। ଯନ୍ତ୍ରୀଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ନାହାନ୍ତି ଓ ମୁଁ ପାରଳାଖେମୁଣ୍ଡିରେ ରହୁଛି। ଆସିବାରେ ଅସୁବିଧା ହେଲା ବୋଲି ସଫେଇ ଦେଇଛନ୍ତି। ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସେବା ସମବାୟ ସମିତି ଲିଃ ରେ ଜାତୀୟ ପତାକା ଉଡ଼ିନଥିଲା। ଏହା କର୍ମଚାରୀମାନଙ୍କ ଖାମଖିଆଲ ମନୋବୃତ୍ତି ପ୍ରମାଣିତ କରିଛି।

# ଗଞ୍ଜାମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

## ବ୍ରହ୍ମପୁର, ସମ୍ବଲପୁରରେ ହେବ ପୁନର୍ବାସ କେନ୍ଦ୍ରଃ ମନ୍ତ୍ରୀ

ଛତ୍ରପୁର,୧୬।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସେ ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମ ଜିଲାର ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ଖୁବଶୀଘ୍ର ଗଞ୍ଜାମର ବ୍ରହ୍ମପୁର ଓ ସମ୍ବଲପୁର ଠାରେ ପୁନର୍ବାସ କେନ୍ଦ୍ର ହେବ ବୋଲି ଜଣାଇ ସ୍ୱାଧୀନତାର ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖି ତାର ସୁରକ୍ଷା ଏବଂ ସମୃଦ୍ଧି ପାଇଁ କାର୍ଯ୍ୟ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର ଓ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ । ପ୍ୟାରେଡ କମାଣ୍ଡର ଅମୂଲ୍ୟ ନାୟକ, ରିଜର୍ଭ ଇନିସ୍ପେକ୍ଟର ଅଫ ପୋଲିସ, ସେକେଣ୍ଡ-ଇନ-କମାଣ୍ଡ ସଞ୍ଜୟ କୁମାର ବାରିକ, ଆର୍ମଡ ପୋଲିସ ଫୋର୍ସ ପ୍ୟାରେଡ କମାଣ୍ଡର୍ ବିବେକ ନାୟକ, ଓ.ଏସ. ଏ.ପି. ଅଷ୍ଟମ ବାଟାଲିୟନ ପ୍ଲାଟୁନ କମାଣ୍ଡର ପଞ୍ଚାନନ ଦାଶ, ଘୋଷବାଦ୍ୟ ପ୍ରଶାନ୍ତ କୁମାର ତ୍ରିପାଠୀ ମନ୍ତ୍ରୀଙ୍କୁ ଅଭିବାଦନ ଜଣାଇବା ସହ ପ୍ୟାରେଡ ପରିଚାଳନା କରିଥିଲେ। ଜିଲା ପ୍ରଶାସନ ତରଫରୁ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାରେ ଉଲ୍ଲେଖନୀୟ ସଫଳତା ପାଇଁ ଆସିକା ଏନ୍‌ଏସିର ସଫେଇ ଭାଇ ପ୍ରଶାନ୍ତ ନାୟକ, ଚିକିଟି ଏନ୍‌ଏସିର ସୁରେନ୍ଦ୍ର ବେହେରା, ଗୋପାଳପୁରର ଟୁଟୁ ପୁଣ୍ଡି, ସ୍ୱଚ୍ଛ ସୁପର ଭାଇଜର୍ ପୁରୁଷୋତ୍ତମପୁର ଏନ୍‌ଏସିର ସୁମତି ପଣ୍ଡା, ସ୍ୱଚ୍ଛ ସାଥୀ ଗଞ୍ଜାମ ଏନ୍‌ସିର ଉର୍ମିଳା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିଲେ ।



ମନ୍ତ୍ରୀ ପୁରସ୍କୃତ କରୁଛନ୍ତି ।

## କୃଷ୍ଣଚନ୍ଦ୍ର ଗଜପତି, ହାରାମଣି ବିଷୋୟୀଙ୍କ ଅବଦାନ ଅତୁଳନୀୟ

ପାରଳାଖେମୁଣ୍ଡି, ୧୬।୮ (ଡି.ଏନ୍.ଏ)
ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ୭୬ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ହାରାମଣି ବିଷୋୟୀଙ୍କ ଭଳି ସଂଗ୍ରାମୀଙ୍କ ଅବଦାନ ଅତୁଳନୀୟ ବୋଲି ମନ୍ତ୍ରୀ ସାହୁ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର ସର୍ବଶ୍ରେଷ୍ଠ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର, କର୍ମଚାରୀ ଓ ବ୍ୟକ୍ତି ବିଶେଷମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାପାଳ ଲିଙ୍ଗରାଜ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ଏସ୍‌ପି ଜୟରାମ ଶତପଥି, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚ ଖମାରୀ, ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ ଏବଂ ଓଏସ୍‌ଏପି କମାଣ୍ଡେଣ୍ଟ ଜୁରିଆ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପରିଚାଳନା କରିଥିଲେ ।

## ଜାତୀୟ ପତାକା ଉତ୍ତୋଳନ କଲେ ଏମ୍‌ପି, ବିଧାୟିକା

ଆସିକା,୧୬।୮(ଡି.ଏନ୍.ଏ.)
ଆସିକାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ନିଜ ଗ୍ରାମ ଚେରମାରିଆ ପ୍ରାଥମିକ ବିଦ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଧାୟିକା ମଞ୍ଜୁଳା ସ୍ୱାଇଁ ଆସିକା ବ୍ଲକ କାର୍ଯ୍ୟାଳୟ, ବଣିକ ସଂଘ, କାଳକଣ୍ଠପୁର ହାଇସ୍କୁଲ ଓ ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ପତାକା ସେହିଭଳି ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ଏନଏସି କାର୍ଯ୍ୟାଳୟ, ହରିହର ହାଇସ୍କୁଲରେ ପତାକା ଉତ୍ତୋଳନ କରିଥିଲେ । ଆସିକା ଥାନାରେ ଏସଡିପିଓ ଉମା ଶଙ୍କର ସିଂ, ସବଜେଲରେ ଜେଲ ଅଧିକ୍ଷ ଦିଲୀପ କୁମାର ଜେନା, ତହସିଲରେ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଚାର ବିଭାଗୀୟ ଅଦାଲତରେ ଅତିରିକ୍ତ ଜିଲା ଜଜ ଗିରିଜା ପ୍ରସାଦ ମହାପାତ୍ର, ଓକିଲ ସଂଘରେ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ସମବାୟ କେନ୍ଦ୍ର ବ୍ୟାଙ୍କରେ ସହକାରୀ ପରିଚାଳକ ନୀଳାଞ୍ଚଳ ପଣ୍ଡା, ଜଳ ସମ୍ପଦ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବରାମ ବେହେରା, ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗଣେଶ୍ୱର ମାଝି, ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ, ଡାକ ବିଭାଗ କାଯ୍ୟାଳୟରେ ମଣ୍ଡଳ ଅଧିକ୍ଷକ ଗୋପେଶ ଦାସ ପତାକା ଉତ୍ତୋଳନ କରିଥିଲେ। ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଓ ଖାରିଆ ପଞ୍ଚାୟତରେ ଯୁବନେତାଙ୍କ ଭଗବାନ ସାହୁଙ୍କ ନେତୃତ୍ୱରେ ସରପଞ୍ଚ ଜୟନ୍ତୀ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିଲେ । ସନ୍ଧ୍ୟାରେ ଆସିକା ଟାଉନ ହଲ ଠାରେ ଅମୃତ ମହୋତ୍ସବ ପାଳନ ସମିତି ପକ୍ଷରୁ ଏକ ବୁଦ୍ଧିଜୀବୀ ସମାବେଶ ହୋଇଥିଲା ।


ବିଧାୟିକା ମଞ୍ଜୁଳା ସ୍ୱାଇଁ ବଣିକ ସଂଘରେ ପତାକା ଉତ୍ତୋଳନ କରୁଛନ୍ତି।

## ପୋଖରୀରେ ବୁଡି ଜଣେ ମୃତ

ପୁରୁଷୋତ୍ତମପୁର,୧୬।୮(ଡି.ଏନ.ଏ.)
ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଘଲା ଗ୍ରାମରେ ପୋଖରୀରେ ବୁଡିଯାଇ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଙ୍ଗୁ ଗ୍ରାମର ଯୋଗି ନାହାକ(୫୦)। ଯୋଗି କୌଣସି କାର୍ଯ୍ୟରେ ରବିବାର ବାଘଲା ଯାଇଥିବା ବେଳେ ଆଉ ଘରକୁ ଫେରିନଥିଲେ। ଘରଲୋକେ ଖୋଜାଖୋଜି କରୁଥିବା ବେଳେ ସୋମବାର ସକାଳେ ବାଘଲା ଗ୍ରାମ ବନ୍ଧରେ ମୃତଦେହ ଭାସୁଥିବା ଦେଖିଥିଲେ। ଏହା ସହ ବାଘଲା ଲୋକେ ପୁରୁଷୋତ୍ତମପୁର ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଥାନା ଏସଆଇ ରାଜେଶ କୁମାର ଛତ୍ରିଆ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ନଂ.୧୭/୨୨ ରୁଜୁ କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛନ୍ତି।

## ଯାନବାହନ ଯାଞ୍ଚ, ୮ହଜାର ଜରିମାନା ଆଦାୟ

ପାରଳାଖେମୁଣ୍ଡି,୧୬।୮(ଡି.ଏନ୍.ଏ.)
ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ବିଭିନ୍ନ ଛକଠାରେ ଗାଡ଼ି ମୋଟର ଯାଞ୍ଚ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଥିବାର ଦେଖିବାକୁ ମିଳିଛି। ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶ ମଙ୍ଗଳବାର ପୁରୁଣା କୋର୍ଟ ଛକଠାରେ ପୋଲିସ ଟିମ ଉପସ୍ଥିତ ରହି ପ୍ରାୟ ୮ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ କରିଛି। ମୁଖ୍ୟତଃ ଟ୍ରାଫିକ ନିୟମ, ହେଲମେଟ ପରିଧାନ ନ କରିବା, ଭାରିଯାନ ଗୁଡିକରେ ଓଭର ଲୋଡିଂ ଆଦିକୁ ନେଇ ଯାଞ୍ଚ ଚାଲିଥିଲା।

## ସ୍ୱାଧୀନତା ହେଉଛି ତ୍ୟାଗ ଓ ବଳିଦାନର ଇତିହାସ

ଫୁଲବାଣୀ ଅଫିସ, ୧୬।୮

ଦେଶର ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମୀ ନିଜ ଜୀବନ ଦେଇଛନ୍ତି। ଭାରତ ବର୍ଷର ସ୍ୱାଧୀନତା ତ୍ୟାଗ ଓ ବଳିଦାନର ବୋଲି ରାଜ୍ୟ ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କନ୍ଧମାଳ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରଛନ୍ତି। ସ୍ଥାନୀୟ ରିଜର୍ଭ ପୋଲିସ୍ ପଡ଼ିଆରେ ଆୟୋଜିତ ସମାରୋହରେ ମନ୍ତ୍ରୀ ସାରକା ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଭିନୀତ୍ ଅଗ୍ରୱାଲ୍, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜିଲା ପରିଷଦ ଉପଧ୍ୟକ୍ଷା ସାଧବାଣୀ ନାୟକ, ଫୁଲବାଣୀ ପୌର ପରିଷଦ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି, ବ୍ଲକ ଅଧ୍ୟକ୍ଷା ସସ୍ମିତା କହଁର, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ପିଡି ଡିଆରଡିଏ ବିଶ୍ୱରଞ୍ଜନ ନାୟକ, ଉପ ଜିଲାପାଳ ଶେଷଦେବ ମିଶ୍ର, ପିଏ ଆଇଟିଡିଏ ବୀରେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପୋଲିସ୍ ବାହିନୀର ଦୁଇଟି ଦଳ ଏବଂ ପୋଲିସ୍ ବ୍ୟାଣ୍ଡ ବାହିନୀର ଗୋଟିଏ ଦଳ ପ୍ୟାରେଡରେ ଅଂଶ ଗ୍ରହଣ କରିଥିଲେ। ରିଜର୍ଭ ପୋଲିସ ଇନ୍ସପେକ୍ଟର୍ ଧର୍ମେନ୍ଦ୍ର ପ୍ରଧାନ ଏବଂ ସର୍ଜେଣ୍ଟ ସରୋଜ କୁମାର ବେହେରା ପରେଡ୍ ପରିଚାଳନା କରିଥିଲେ।


ମନ୍ତ୍ରୀ ଜଗନ୍ନାଥ ସାରକା ଅଭିଭାଷଣ ଦେଉଛନ୍ତି।

## ଶେରଗଡ଼ କଲେଜର ସ୍ୱନକ୍ଷତ୍ର ଉତ୍ସବ

ଶେରଗଡ, ୧୬।୮(ଡି.ଏନ୍.ଏ.)
ଶେରଗଡ ଉଦୟ ପ୍ରତାପ ବିଜ୍ଞାନ ମହାବିଦ୍ୟାଳୟର ୩୯ତମ ସ୍ୱନକ୍ଷତ୍ର ଉତ୍ସବ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ, ତହସିଲଦାର ଦୟାସିନ୍ଧୁ ପରିଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠପଢାକୁ ଜୀବନରେ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ ସରୋଜ କୁମାର ଦାଶ, ବିଡ଼ିଓ ଶିବାଶିଷ ବରାଳ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। କଲେଜର ଅଧ୍ୟକ୍ଷ ଉପେନ୍ଦ୍ର ବାଡ଼ତ୍ୟାଙ୍କ ସଭାପତିତ୍ୱରେ ଅଧ୍ୟାପକ ଶିଶିର କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଘୁନାଥ ପାଢ଼ୀ, ବିଇଓ ଭାସ୍କର ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ବିପ୍ରଚରଣ ମିଶ୍ର, ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ଶେରଗଡ ସମିତି ସଭ୍ୟା ସବିତାରଣୀ ଚୌଧୁରୀ, କୈଳାସ ପାଢ଼ୀ ଯୋଗଦେଇ କଲେଜ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ।

## ସିମେଣ୍ଟ ବୋହେଇ ବେଳେ ଶ୍ରମିକ ମୃତ

ଛତ୍ରପୁର,୧୬।୮(ଡି.ଏନ୍.ଏ.):ଛତ୍ରପୁର ବ୍ଲକ ଚମାଖଣ୍ଡି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ସ୍ଥିତ ଏକ ସିମେଣ୍ଟ ଗୋଦାମରେ ଗତକାଲି ଟ୍ରକରେ ଲୋଡିଙ୍ଗ କରୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଫୁଲଟା ଗ୍ରାମର ପପୁ ସାମଲ। ପପୁ କାମ କରୁଥିବା ବେଳେ ହଠାତ୍ ତଳେ ପଡି ଆହତ ହୋଇଥିଲେ। ସେଠାରେ ନିୟୋଜିତ ଶ୍ରମିକ ଓ ମାଲିକ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲ ନେଇଥିଲେ । କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ମଙ୍ଗଳବାର ଚମାଖଣ୍ଡି ଥାନାରେ ହୋଇଥିବା ଅଭିଯୋଗ ପ୍ରକାରେ ନଂ.୪/୨୨ରେ ମାମଲା ରୁଜୁ ହୋଇଛି।

## ଜିଲାସ୍ତରୀୟ ବ୍ୟାଡମିଣ୍ଟନ:ଅବିନାଶ ଚାମ୍ପିୟନ


ଟ୍ରଫି ସହ ଅବିନାଶ।

ଆସିକା,୧୬।୮(ଡି.ଏନ.ଏ.)
ଆସିକା ଏନ୍‌ଏସି ବଜାର ସାହିର ଯୁବ କ୍ରୀଡାବିତ ଅବିନାଶ ମୁନି ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ସୋମବାର ବ୍ରହ୍ମପୁର ଏରିନା ସ୍ପୋର୍ଟସ ଇନଡୋର ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତାରେ ୧୭ ବର୍ଷ ବାଳକ ବର୍ଗରେ ଅବିନାଶ ସିଙ୍ଗିଲସ ଓ ଡବଲସରେ ଚାମ୍ପିୟନ ହୋଇ ଏହି କୃତିତ୍ୱ ହାସଲ କରିଛନ୍ତି । ଗଞ୍ଜାମ ଜିଲା ଉନ୍ନୟନ ଅଧିକାରୀ ଭି. କିର୍ତ୍ତିଭାସନ, ଆସୋସିଏଶନ ସଭାପତି ସି.ବି.କେ ସୁଧାକର ଓ ଜେ. ତିରୁମଲା ରାଓ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଓଡିଶା ବ୍ୟାଡ ମିଣ୍ଟନ ଆସୋସିଏସନ ସହଯୋଗରେ ଗଞ୍ଜାମ ଜିଲା ବ୍ୟାଡ ମିଣ୍ଟନ ଆସୋସିଏସନ ଦ୍ୱାରା ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ସର୍ବଭାରତୀୟ ସ୍ତରରେ ଖେଳିବା ତାଙ୍କର ଲକ୍ଷ୍ୟ ବୋଲି ଅବିନାଶ କହିଛନ୍ତି।

## ଶମ୍ବର ମାଂସ ଜବତ, ୨ ଗିରଫ

ପାତ୍ରପୁର,୧୬।୮(ଡି.ଏନ.ଏ.)
ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନ ବୁରସାହି ଗ୍ରାମରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୦ କେଜି ସମ୍ବର ମାଂସ ସହ କୁରାଢ଼ୀ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଆଦିବାସୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ହେଲେ ଏ ଗୋଡୁଣୀ ଗ୍ରାମର କେଦାର ବିଶୋଇ, ବୁରସାହିର ସୁଦାମ ଦଳେଇ। ଆଦିବାସୀ ଅଞ୍ଚଳରେ ସମ୍ବର ମାଂସ ହେଉଥିବା ଖବର ପାଇ ଡୁମ୍ବା ଫରେଷ୍ଟର କାମନା ଭୂୟାଁ, କୁଲାଡି ଫରେଷ୍ଟଗାର୍ଡ ସାରଥୀ କାର୍ଜି ଓ ପର୍ଶୁରାମ କାର୍ଜି ସୋମବାର ରାତିରେ ବୁରସାହି ଗ୍ରାମରେ ଚଢ଼ାଉ କରି ବିକ୍ରି ଉଦ୍ଦେଶ୍ୟରେ ଥିବା ମାଂସ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ନଂ.୧୩୨/୨୦୨୨-୨୩ରେ ମାମଲା ରୁଜୁ ହୋଇଛି।

# ବିଦ୍ୟାଳୟ ଯିବାକୁ କାଠପୋଲ ଭରସା

## ବାଜିରେ ଲାଗୁଛି ଛାତ୍ରୀଛାତ୍ରଙ୍କ ଜୀବନ

ଆର.ଉଦୟଗିରି,୧୬।୮(ଡି.ଏନ.ଏ.)
ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସ୍ମାର୍ଟ କରାଇବା ଉଦ୍ଦେଶ୍ୟରେ ଅନେକ ଯୋଜନା ମଧ୍ୟମରେ ରାଜ୍ୟ ସରକାର ରାଜକୋଷରୁ ବ୍ୟୟ କରୁଛନ୍ତି କୋଟି କୋଟି ଟଙ୍କା। ତଥାପି ସ୍ଥାନୀୟ ବ୍ଲକର ବିଭିନ୍ନ ଅଞ୍ଚଳରେ ସୁଧୁରି ପାରୁନି ଶିକ୍ଷା ବ୍ୟବସ୍ଥା। ବିଦ୍ୟାଳୟ ଯାଇ ପଢିବା ପାଇଁ କାଠପୋଲ ଭରଷା, ବାଜିରେ ଲାଗୁଛି ଛାତ୍ରୀଛାତ୍ରଙ୍କ ଜୀବନ। ଗଜପତି ଜିଲା ମୋହନା ବ୍ଲକର କଟାମା ପଞ୍ଚାୟତ ଅଧିନ ଖଣ୍ଡବା ସରକାରୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ବିପଦପୂର୍ଣ୍ଣ କାଠପୋଲ ଉପର ଦେଇ ପ୍ରତ୍ୟେକ ଦିନ ବିଦ୍ୟାଳୟକୁ କୋମଳମତି ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ଯାଆନ୍ତି। ଗ୍ରାମବାସୀମାନେ ମଧ ଏହି କାଠପୋଲ ଉପରେ ଚାଲିବା ବେଳେ ତଳ ଉପର ହୋଇ ଦୋହଲୁଛି କାଠ। ଟିକିଏ ଅସାବଧାନତା ହେଲେ ପିଲାମାନେ ପଡିଯିବେ କି ? ଏହି ଭୟ ମଧ ରହୁଛି। ତଥାପି ଏମିତି ବିପଦପୂର୍ଣ୍ଣ କାଠପୋଲ ଉପରେ ଦୈନନ୍ଦିନ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର ଓ ଗ୍ରାମବାସୀ। ଏହି ଗ୍ରାମଟି ଦୁର୍ଗମ ତଥା ଉପାନ୍ତ ଅଞ୍ଚଳରେ ରହୁଥିବା ବେଳେ ଏହି ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ୨୦୧୩ରେ ସରକାର ପ୍ରତିଷ୍ଠା କରିଥିଲେ ଗୋଟିଏ ସରକାରୀ ପ୍ରାଥମିକ ବିଦ୍ୟାଳୟ ୧ ରୁ୫ମ ଶ୍ରେଣୀ ପର୍ଯ୍ୟନ୍ତ। ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଥିବା ବେଳେ ଶିକ୍ଷାଦାନ ପାଇଁ ୨ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ହେଲେ ବିଦ୍ୟାଳୟ ଯିବା ପୂର୍ବରୁ ବିଦ୍ୟାଳୟ ସମ୍ମୁଖରେ ଗୋଟିଏ ନାଳ ରହିଛି। ଯାହାକି ବର୍ଷା ଦିନ ହୋଇଗଲେ ଗାଁ ଠାରୁ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯିବା ଅସମ୍ଭବ। ତେଣୁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏଠାରେ କାଠପୋଲ ନିର୍ମାଣ କରି ବିପଦସଂକୁଳ ଭାବେ ଯାତାୟାତ କରୁଛନ୍ତି। ତେଣୁ ଗ୍ରାମବାସୀ ଏଠାରେ ପୋଲ ନିର୍ମାଣ ପାଇଁ ସରକାରଙ୍କୁ ବାରମ୍ବାର ଅଭିଯୋଗ କରି ଅରସୁଥିଲେ ମଧ ଏଥିପାଇଁ କେହି ଗୁରୁତ୍ୱ ଦେଉନଥିବା ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟକୁ ଯାତାୟତାର ସୁବିଧା ପାଇଁ ଏଠାରେ ଗୋଟିଏ କଂକ୍ରିଟ ପୋଲ ସରକାର ନିର୍ମାଣ କରନ୍ତୁ ବୋଲି ଛାତ୍ରୀଛାତ୍ର ଅନୁରୋଧ କରିଛନ୍ତି। ଅନ୍ୟପଟେ ବିଦ୍ୟାଳୟ ପରିସରରେ ଲଟାବୁଦା ମାଡ଼ିଗଲାଣି। ନା ଅଛି ରୋଷଇ ଘର ନା ଅଛି ଶୌଚାଳୟର ବ୍ୟବସ୍ଥା। ବର୍ଷା ଦିନେ ଛାତରୁ ପାଣି ଗଳୁଛି। ପାନୀୟଜଳ କଥା ନକହିବା ଭଲ। ଏମିତି ପାହାଡିଆ ଝରଣା ଜଳକୁ ସଂରକ୍ଷିତ କରି ସ୍କୁଲ ପରିସରରେ ପାଣି ଟାଙ୍କି ବ୍ୟବସ୍ଥା କରାଯାଇ ଅସ୍ୱାସ୍ଥ୍ୟକର ପରିବେଶ ମଧ ଷ୍ଟାଣ୍ଡ ପୋଷ୍ଟ ବସାଯାଇଛି। ସେଥିରୁ ଅହରହ ପାଣି ବାହାରୁଥିବା ବେଳେ ପରିଷ୍କାର ପରିଚ୍ଛିନ୍ନ କରାଯାଉନଥିବାରୁ ଦୂଷିତ ପରିବେଶ ସୃଷ୍ଟି ହୋଇଛି। ଆଉ ସେଠାରେ ପାଣିକୁ ହିଁ ପାନୀୟଜଳ ରୂପେ ବ୍ୟବହାର କରାଯାଉଛି। ଏଭଳି ପାଣି ବ୍ୟବହାର କରିବା ଦ୍ୱାରା ଗାଁରେ କେତେବେଳେ ଯେ ମହାମାରୀ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଭଳି ସମସ୍ୟାର ସମାଧାନ କରିବା ନେଇ ନେତା ଓ ସରକାରୀ ବାବୁଙ୍କୁ ଗୁହାରୀ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ ଏହି ଗ୍ରାମକୁ ଜିଲା ପରିଷଦ ଉପାଧ୍ୟକ୍ଷା କୁନ୍ତୁଳା ମଳିକ ପରିଦର୍ଶନ କରିଥିଲେ । ଏ ନେଇ ସେ ଜିଲର ପ୍ରଶାସନ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।


ବିପଦପୂର୍ଣ୍ଣ କାଠପୋଲ ଦେଇ ଯାଉଛନ୍ତି ଛାତ୍ରୀଛାତ୍ର।

